## ତହସିଲଦାରଙ୍କ କାର୍ଯ୍ୟାଳୟ, ବୈପାରିଗୁଡ଼ା (ଜିଲ୍ଲା–କୋରାପୁଟ)

Tahasil Office, Baipariguda
Pin-764043
Mail Id- tah.baipariguda@nic.in
Phone/Fax No- 06854-249420

# ଲଘୁ ଖଣିଜ ଉତ୍ସର ଦୀର୍ଘ ମିଆଦୀ ଲିଜ ନିମନ୍ତେ ବିଜ୍ଞାପନ

[ଲଘୁ ଖଣିଜଦ୍ରବ୍ୟ ରିହାତି ଆଇନ- 2016 ଅନୁଯାୟୀ ]

ଏତଦ୍ବାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ ବୈପାରିଗୁଡା ତହସିଲ ଅନ୍ତର୍ଗତ ସୂଚୀରେ ପ୍ରଦତ୍ତ (Annexure-I) ଲଘୁ ଖଣିଜ ଦ୍ରବ୍ୟ ସଇରାତ ଉତ୍ସ ଟିକୁ (ବାଲିଗାଁ ବାଲିଶଯ୍ୟା) ଆସନ୍ତା 5 ବର୍ଷ (ପାଞ୍ଚ) ନିମନ୍ତେ (2021-2022 ଠାରୁ 5 ବର୍ଷ ପର୍ଯ୍ୟନ୍ତ ଦୀର୍ଘ ମିଆଦି ଲିଜ ସୂତ୍ରେ ନେବା ପାଇଁ ଇଚ୍ଛୁକ ବ୍ୟକ୍ତି ମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି।

ପ୍ରକାଶ ଥାଉ କି ଲିଜରେ ଅଂଶ ଗ୍ରହଣ କରିବାକୁ ଇଚ୍ଛୁକ ବ୍ୟକ୍ତି ବିଶେଷ ଉତ୍ସ ଗୁଡିକୁ ପରିଦର୍ଶନ କରି , ପରିଚାଳନା ପାଇଁ ଗମନାଗମନ ସୁବିଧା , ଗଚ୍ଛିତ ଥିବା ଲଘୁ ଖଣିଜ ଦ୍ରବ୍ୟ ଓ ଅନ୍ୟାନ ଆନୁଷଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଆବେଦନ କରିବା ବାଞ୍ଛନୀୟ । ଲିଜ ନେବାପରେ ସଇରାତ ଚଳାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନାହିଁ । ତଥା କୌଣସି ପ୍ରାକୃତିକ ବିପର୍ଜୟ ନିମନ୍ତେ କର୍ତ୍ତୃପକ୍ଷ ଦାୟୀ ରହିବେ ନହିଁ ।

ଇଚ୍ଛୁକ ବ୍ୟକ୍ତିମାନେ, ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି (ସଂଶୋଧନ )ଆଇନ- 2016 ରେ ବର୍ଣ୍ଣିତ ଫର୍ମ –M ରେ ପୂରଣ କରି ଏହାର ତିନିକିତା କପି ସହିତ ନିମ୍ନଲିଖିତ ଆବଶ୍ୟକୀୟ କାଗଜାତ ଦାଖଲ କରିବା ହେବେ।

1. ଦରଖାସ୍ତ ଫିସ ବାବଦକୁ ଟ. 1000.00 ( ଏକ ହଜାର ) ଟଙ୍କା ଟ୍ରେଜେରୀ ଚାଲାଣ (Head of Accounts- 0853-Non-Ferrous Mining and Metallurgical Industries -102- Mineral Concession Fess, Rents and Royalties ) ପଇଠ କରିବା ଆବଶ୍ୟକ ଯାହକି ଫେରସ୍ତ ଯୋଗ୍ୟ ନୁହେଁ ।

2. ଦରଖାସ୍ତ କରୁଥିବା ଲଘୁ ଖଣିଜ ଉତ୍ସର ସମ୍ପୂର୍ଣ୍ଣ ବିବରଣୀଏହି ବିଜ୍ଞାପନରେ ଥିବା ଉତ୍ସରନାମ, ଖାତାନଂ, ପ୍ଲଟ ନଂ, ରକବା ଏବଂ କିସମର ସଠିକ ତଥ୍ୟ ଲେଖିବା ବିଧେୟ।

3. ଦରଖାସ୍ତକାରୀଙ୍କ ନାମରେ ଉପରୋକ୍ତ ଆଇନ ଅନୁଯାୟୀ କୌଣସି ଖଣିଜ ଦେୟ ବକେୟା ନଥିବା ଦର୍ଶାଇ ଏକ ସତ୍ୟପାଠ ।

4. ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟଉତ୍ତୋଳନ ପରିମାଣ ( Minimum Guaranteed Quantity) ଉପରେ ଆବେଦନକାରୀ ଅତିକମ୍ ରେ ଦରଖାସ୍ତରେ ଦର୍ଶାଇଥିବା ଅତିରିକ୍ତ ଦେୟ ଏବଂ ରୟାଲଟିର ସମପରିମାଣର ଏକ ବ୍ୟାଙ୍କ ପ୍ରତ୍ୟାଭୂତି (Bank Guarantee ) (ଯାହାର ଅବଧି ଅନ୍ତତଃ ଅଠର ମାସ ହେବା ଆବଶ୍ୟକ ) କିମ୍ବା ସମପରିମାଣର ଋଣ ପରିଶୋଧ କ୍ଷମତା ପ୍ରମାଣପତ୍ର ( solvency Certificate) ଦାଖଲ କରିବେ । ନଚେତ୍ ଦରଖାସ୍ତ କୁ ବିଚାରକୁ ନିଆଯିବ ନାହିଁ ।

5. ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ (MGQ) ପରିମାଣ ଉପରେ ନିର୍ଦ୍ଧାରିତ ଅତିରିକ୍ତ ଦେୟ ଓ ରୟାଲଟିର ସମପରିମାଣର ଶତକଡା 5 ଭାଗ EMD (Earnest Money Deposit) ବାବଦକୁ ଆବେଦନକାରୀ ତହସିଲଦାରଙ୍କ ନାମରେ ଏକ ବ୍ୟାଙ୍କ ଡ୍ରାଫ୍ଟ (Payable at SBI, Branch, Baipariguda) ଦରଖାସ୍ତ ସହ ସଂଲଗ୍ନ କରିବେ ନଚେତ ଦରଖାସ୍ତଟିକୁ ବିଚାରକୁ ନିଆଯିବ ନାହିଁ।



Tahasildar
Boipariguda

6. ପ୍ରାଧିକୃତ ରାଜସ୍ୱ ଅଧିକାରୀଙ୍କ ଠାରୁ ପ୍ରାପ୍ତ ହୋଇଥିବା ଆବେଦନକାରୀଙ୍କ ଆସ୍ଥାବର ସମ୍ପତି ତାଲିକା । ଯଦି ଦରଖାସ୍ତକାରୀ ଚାହାଁନ୍ତି ଅନ୍ୟାନ୍ୟ ଆବଶ୍ୟକ ତଥ୍ୟ ଯଥା ବୈଷୟିକ ଜ୍ଞାନ, ଅଭିଜ୍ଞତା, ପାଖରେ ଥିବା ଯନ୍ତ୍ର ସମୂହ ଓ ଆର୍ଥିକ ସ୍ଥିତି ଇତ୍ୟାଦିର ପ୍ରମାଣପତ୍ର ସଂଲଗ୍ନ କରିପାରନ୍ତି ।

7. ଗତ ବର୍ଷର ଆୟକର ଦାଖଲ (Income Tax Return Filing) ବିବରଣୀର ନକଲ ।

9. ଡାକ ଦ୍ୱାରା ଧାର୍ଯ୍ୟ ତାରିଖ ଓ ସମୟ ଅତିବାହିତ ପରେ ଅର୍ଥାତ୍ ବିଳମ୍ବରେ ପହଞ୍ଚିଥିବା ଦରଖାସ୍ତ ପାଇଁ ପ୍ରାଧୀକୃତ ଅଧିକାରୀ ଦାୟୀ ନୁହଁନ୍ତି ।

10. ଦରଖାସ୍ତକାରୀ ଲଫାପାର ଉପରି ଭାଗରେ ବଡ ଅକ୍ଷରରେ କେଉଁ ସଇରାତ ଉତ୍ସ ନିମନ୍ତେ ଆବେଦନ କରୁଛନ୍ତି ଏବଂ ଆବେଦନକାରୀଙ୍କ ନାମ, ଠିକଣା ଓ ଫୋନ ନଂସ୍ପଷ୍ଟ ଭାବରେ ଉଲ୍ଲେଖ କରିବେ ନଚେତ ଦରଖାସ୍ତଟିକୁ ବିଚାରକୁ ନିଆଯିବ ନାହିଁ ।

ଉପରୋକ୍ତ କାଗଜାତ ସହ ଦରଖାସ୍ତକୁ ଜଉମୁଦ – ଦିଆ ଲଫାପାରେ ରେଜେଷ୍ଟ୍ରି/ସ୍ପିଡ ଡାକ ଯୋଗେ ନିମ୍ନଲିଖିତ ଠିକଣାରେ ପ୍ରେରଣ କରିପାରିବେ କିମ୍ବା ତହସିଲ କାର୍ଯ୍ୟାଳୟରେ ଥିବା ଜଉମୁଦ – ଦିଆ ଟେଣ୍ଡର ବକ୍ସରେ ତା 20.12.2021 ରିଖରୁ 03.01.2022..ଅପରାହ୍ଣ 5 ଘଣ୍ଟା 30 ମିନିଟ ସୁଦ୍ଧା ଯେ କୌଣସି ସରକାରୀ କାର୍ଯ୍ୟ ଦିବସରେ ଏବଂ କାର୍ଯ୍ୟ ନିର୍ଘଣ୍ଟ ସମୟ ମଧ୍ୟରେ ପକାଇବା ଆବଶ୍ୟକ।ଏବଂ ତା- 04.01.2022ରିଖ ପୂର୍ବାହ୍ଣ 11.00 ଘଟିକା ସମୟରେ ଦରଖାସ୍ତ ଗୁଡିକୁ ଆବେଦନକାରୀ କିମ୍ବା ତାଙ୍କ ଦ୍ୱାରା କ୍ଷମତା ପ୍ରାପ୍ତ ବ୍ୟକ୍ତିଙ୍କ ସମ୍ମୁଖରେ ଟେଣ୍ଡର ବକ୍ସ ଖୋଲାଯାଇ ଗ୍ରହଣ କରାଯାଇଥିବା ଦରଖାସ୍ତ ଓ ଡାକଦ୍ୱାରା ଗ୍ରହଣ କରାଯାଇଥିବା ଦରଖାସ୍ତ ଗୁଡିକୁ ତନଖି କରାଯାଇ ଚୁଡାନ୍ତ କରାଯିବ ଏବଂ ଅସମ୍ପୂର୍ଣ୍ଣ ଦରଖାସ୍ତ ଗୁଡିକୁ ନାକଚ କରାଯିବ । ଧାର୍ଯ୍ୟସମୟ ପରେ ଗ୍ରହଣ କରାଯାଇଥିବା ଦରଖାସ୍ତ ଗୁଡିକୁ ନିଲାମ ପ୍ରକ୍ରିୟାରେ ବିବେଚନାକୁ ନିଆଯିବ ନାହିଁ ।

ଠିକଣା :

ତହସିଲଦାରଙ୍କ କାର୍ଯ୍ୟାଳୟ, ବୈପାରିଗୁଡା
ଗ୍ରାମ / ପୋଷ୍ଟ – ବୈପାରିଗୁଡା , ଜିଲ୍ଲା – କୋରାପୁଟ (ଓଡ଼ିଶା)
ପିନ – 764043

ଅବେଦିତ ଦରଖାସ୍ତ ମାନଙ୍କ ମଧ୍ୟରେ ସର୍ବାଧିକ ଅତିରିକ୍ତ ଦେୟ (Additional Charge) ଦର୍ଶାଇଥିବା ଆବେଦନ ପତ୍ରକୁ ଯୋଗ୍ୟ ବିବେଚିତ କରାଯିବ ।

ଯଦି ଏକାଧିକ ବ୍ୟକ୍ତି ସମ୍ପୃକ୍ତ ସଇରାତ ଉତ୍ସ ନିମନ୍ତେ ରୟାଲଟି ଉପରେ ସମାନ ମୂଲ୍ୟର ଅତିରିକ୍ତ ଦେୟ ଦର୍ଶାଇ ଥାଆନ୍ତି, ତେବେ ଲଟେରୀ ମାଧ୍ୟମରେ ଯୋଗ୍ୟ ଆବେଦନକାରୀଙ୍କୁ ମନୋନୀତ କରାଯିବ ।

ଆବଦେନକାରୀ ପ୍ରାଧିକୃତ ଅଧିକାରୀଙ୍କ ଦ୍ୱାରା (Competent Authority) ଧାର୍ଯ୍ୟ ହୋଇଥିବା ରୟାଲଟି ମୂଲ୍ୟ ଏବଂ Steel & Mines Department, Government of Odisha ର ଚିଠି ନଂ 4505 ତା. 21.05.2016 ଏବଂ OMMC Rules– 2016 ନିର୍ଦ୍ଧେଷ ପ୍ରକାରେ ଆବେଦନକାରୀ ଅତିରିକ୍ତ ଦେୟର ପରିମାଣ ରୟାଲଟି ମୂଲ୍ୟର ଶତକଡା 5 ଠାରୁ କମ ମୂଲ୍ୟ ଦର୍ଶାଇଲେ,ତାହା ଗ୍ରହଣୀୟ ହେବନାହିଁ ଏବଂ ଦରଖାସ୍ତଟି ନାକଚ ହବ ।

ଯୋଗ୍ୟବିବେଚିତ ଆବେଦନକାରୀଙ୍କୁ ମନୋନୟନର 7 (ସାତ) ଦିନ ମଧ୍ୟରେ ପ୍ରାଧିକୃତ ଅଧିକାରୀଙ୍କ ଦ୍ୱାରା



10/12/21
Tahasildar
Boipariguda

ନିର୍ଦ୍ଧାରିତ ଫର୍ମ F ରେ ଜଣାଇ ଦିଆଯିବ । ସୂଚନା ପାଇବାର 15 ଦିନ ମଧ୍ୟରେ ମନୋନୀତ ଆବେଦନକାରୀ ସର୍ତ୍ତାବଳୀର ସମ୍ମତି ପ୍ରଦାନ କରିବେ ଓ ଅମାନତ ରାଶି ଦେୟ (Security Deposit) ବାବଦକୁ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ (MGQ) ଉପରେ ଦରଖାସ୍ତରେ ଦର୍ଶାଇଥିବା ବାର୍ଷିକ ଅତିରିକ୍ତ ଦେୟ ତଥା ରୟାଲଟି ଏବଂ ଜିଲ୍ଲା ଖଣିଜ ପାଣ୍ଠିକୁ (District Mineral Foundation) ଦେବାକୁ ଥିବା ଦେୟରୁ ଏକ ଚତୁର୍ଥାଂଶ Earnest Money କୁ ବାଦ ଦେଇ ବଳକା ଥିବା ରାଶିର ପରିମାଣ ଜମାକରିବେ ଓ ଏଥି ସହ ପୂର୍ବରୁ ଦାଖଲ ହୋଇଥିବା Earnest Money କୁ ଏକତ୍ର କରି ସୁଧ ରହତି ଅମାନତ ରାଶି (Security Deposit) ଭାବରେ ରଖାଯିବ । ଯଦି ମନୋନୀତ ବ୍ୟକ୍ତି 15 ଦିନ ମଧ୍ୟରେ ସମ୍ମତି ନ ଦିଅନ୍ତି ଏବଂ ଅମାନତ ରାଶି ପଇଠ ନ କରନ୍ତି , ତେବେ ଦ୍ଵିତୀୟ ସର୍ବାଧିକ ନିଲାମଧାରୀଙ୍କୁ ସୁଯୋଗ ଦିଆଯିବ ।

ଯଦି ପ୍ରଥମ ଧାର୍ଯ୍ୟ ତାରିଖ ମଧ୍ୟରେ ଏହି ଉତ୍ସ ପାଇଁ ଦରଖାସ୍ତ ପ୍ରାପ୍ତ ନ ହୁଏ କିମ୍ବା ସମସ୍ତ ଦରଖାସ୍ତକାରୀ ଲିଜ ପାଇଁ ଅଯୋଗ୍ୟ ବିବେଚିତ ହୁଅନ୍ତି, ତାହେଲେ ଇଚ୍ଛୁକ ବ୍ୟକ୍ତିମାନେ ତା 05.01.2022..ରୁ 11.01.2022..ଯେ କୌଣସି କାର୍ଯ୍ୟଦିବସରେ ଅପରାହ୍ନ 5.30 ଘଟିକା ସୁଦ୍ଧା ଆବେଦନ କରିପାରିବେ ଏବଂ ଆବେଦନ କରାଯାଇଥିବା ଦରଖାସ୍ତ କୁ ତା. 12.01.2022..ରିଖ ପୂର୍ବାହ୍ନ 11.00 ଘଟିକା ସମୟରେ ଟେଣ୍ଡର ବକ୍ସ ଖୋଲାଯାଇ ଗ୍ରହଣ କରାଯାଇଥିବା ଦରଖାସ୍ତ ଗୁଡିକୁ ତନଖି କରାଯିବ । ସେହିପରି ଯଦି ଦ୍ଵିତୀୟ ଥର ମଧ ଏହି - ଉତ୍ସ ପାଇଁ ଆଦୌ ଦରଖାସ୍ତ ଆସିନଥାଏ କିମ୍ବା ସମସ୍ତ ଦରଖାସ୍ତ ଗୁଡିକ ଅଯୋଗ୍ୟ ବିବେଚିତ ହୁଅନ୍ତି ତେବେ ତୃତୀୟଥର ତଥା ଶେଷ ଥର ପାଇଁ ତା- 13.01.2022 ରୁ 19.01.2022 ରିଖ ମଧ୍ୟରେ ଯେ କୌଣସି କାର୍ଯ୍ୟ ଦିବସରେ ଅପରାହ୍ନ 5.30 ଘଟିକା ସୁଦ୍ଧା ଦରଖାସ୍ତ ଦାଖଲ କରିପାରିବେ ଏବଂ ସମସ୍ତ ଦରଖାସ୍ତକୁ ଦରଖାସ୍ତକାରୀ କିମ୍ବା ସେମାନଙ୍କ ପ୍ରାଧିକୃତ ବ୍ୟକ୍ତି ବିଶେଷଙ୍କ ଉପସ୍ଥିତି ରେ ତା-20.01.2022.ରିଖ ପୂର୍ବାହ୍ନ 11.00 ଘଟିକା ସମୟରେ ଟେଣ୍ଡର ବକ୍ସ ଖୋଲାଯାଇ ଗ୍ରହଣ କରାଯାଇଥିବା ଦରଖାସ୍ତ ଗୁଡିକୁ ତନଖି କରାଯାଇ ଲିଜ ନିମନ୍ତେ ଯୋଗ୍ୟ ଆବେଦନକାରୀଙ୍କୁ ମନୋନୀତ କରାଯିବ ।

ଯଦି କୌଣସି ସଇରାତ ଉତ୍ସ ପାଇଁ ଏକକ ଦରଖାସ୍ତ ପ୍ରାପ୍ତ ହୋଇଥାଏ , ତେବେ , ଏହି ଦରଖାସ୍ତଟିକୁ ଖୋଲାନଯାଇ ପରବର୍ତ୍ତୀ ଧାର୍ଯ୍ୟ ତାରିଖ ପର୍ଯ୍ୟନ୍ତ ଏକ ରୁ ଅଧିକ ଦରଖାସ୍ତ ଗ୍ରହଣ ପାଇଁ ଅପେକ୍ଷା କରାଯିବ । ଯଦି ନିର୍ଦ୍ଧାରିତ ଶେଷ ତାରିଖ ସୁଦ୍ଧା ଏକକ ଦରଖାସ୍ତ ବ୍ୟତୀତ, ସେହି ଉତ୍ସ ପାଇଁ ଆଉ କୌଣସି ଦରଖାସ୍ତ ଗ୍ରହଣ କରାନ ଯାଇଥାଏ, ତେବେ ଏହି ଏକକ ଦରଖାସ୍ତଟିକୁ ଶେଷ ତାରିଖରେ ଖୋଲାଯିବ ।

ମନୋନୀତ ଆବେଦନକାରୀ Mining Plan ତଥା Environmental Clearance ର ଖର୍ଚ୍ଚ ନିଜେ ବହନ କରିବେ ଏବଂ ଫର୍ମ –N ରେ ନିଜସ୍ଵ ଖର୍ଚ୍ଚରେ ଚୁକ୍ତିପତ୍ର ସମ୍ପାଦନ କରିବା ବାଧ୍ୟତାମୂଳକ ଅଟେ । ଅନ୍ୟଥା ଆଇନ ଅନୁଯାୟୀ ଲିଜ ନାକଚ ହେବ ଏବଂ ଅମାନତ ରାଶି ସରକାରୀ ତହବିଲରେ ଜମା ହବ ।

ଏହି ସମସ୍ତ ପ୍ରକ୍ରିୟା ଶେଷ ହେବ ପରେ ମନୋନୀତ ଆବେଦନକାରୀଙ୍କୁ State Pollution Control Board ର Consent to Operate Order ଏହି କାର୍ଯ୍ୟାଳୟ ରେ ଦାଖଲ କରିବାକୁ ହବ । ବିନା Consent to Operate Order ରେ ଲିଜ ଧାରୀ ଖଣିଜ ଦ୍ରବ୍ୟ ଉତ୍ତୋଳନ କରିପାରିବେ ନାହିଁ ।

ବାଲି ପାଇଁ ସର୍ବନିମ୍ନ ରୟାଲଟି ଓ ଅତିରିକ୍ତ ଦେୟର ମୂଲ୍ୟ ଘନମିଟର ପ୍ରତି (Per Cubic Metre) ଯଥାକ୍ରମେ ଟ.37.00 (35+2) ଅଟେ ।

Tahasildar
Boipariguda

ଲିଜ ଧାରୀ ସଇରାତ ଉତ୍ସର (Mining Plan) ନକ୍ସା ଅନୁଯାୟୀ ଏହାର ସୀମାସରହଦଚିହ୍ନଟ କରିବେ ଏବଂ ସମ୍ମୁଖ ଭାବରେ ସୂଚନା ଫଳକ (Display Board) ଲଗାଇବେ ସେଥିରେ ସଇରାତ ଉତ୍ସର ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଏବଂ ଅନ୍ୟାନ୍ୟ ସୂଚନା ଉଲ୍ଲେଖ ରହିବ ।

ଲିଜଧାରୀ ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ (ରିହାତି ) ନିୟମ – 2016 ର ଓ ତତ –ପରବର୍ତ୍ତୀ ସମସ୍ତ ସରକାରୀ ଓ ଅଦାଲତ ଆଦେଶ ମାନିବାକୁ ବାଧ୍ୟ ହେବେ ।

ଯଦି ଏହି ବିଜ୍ଞାପନରେ ନିୟମ ଅନୁଯାୟୀ କୌଣସି ତ୍ରୁଟି ପରିଲିକ୍ଷିତ ହୁଏ ତେବେ ଏହାକୁ ସଂଶୋଧନ ତଥା ପରିବର୍ତ୍ତନ କରିବାର ଅଧିକାର ନିମ୍ନ ସ୍ୱାକ୍ଷରକାରୀଙ୍କର ରହିଛି । କ୍ଷମତାପ୍ରାପ୍ତ ଅଧିକାରୀ କୌଣସି କାରଣ ନ ଦର୍ଶାଇ ଲିଜ କାର୍ଯ୍ୟ ବାତିଲ ବା ସ୍ଥଗିତ କରିପାରିବେ ।

ସଂଲଗ୍ନକ –Annexure–I

10/12/21

Tahasildar
ତହସିଲଦାର, ବୈପାରିଗୁଡ଼ା Boipariguda

ପରିପତ୍ର ସଂଖ୍ୟା - 3142/21 ତା 10.12.21

ଏହାର ଏକକିତା ନକଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ , ବୈପାରିଗୁଡାଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା।

ଏହାର ଏକକିତା ନକଲ ସମ୍ପୃକ୍ତ ଗ୍ରାମପଞ୍ଚାୟତ ସରପଞ୍ଚମାନଙ୍କୁ, ଅବଗତି ଓ ବହୁଳ ପ୍ରସାର ନିମନ୍ତେ ପ୍ରେରଣ କରାଗଲା ।

10/12/21

Tahasildar
ତହସିଲଦାର, ବୈପାରିଗୁଡ଼ା Boipariguda

Annexure I

| Name of the Sairat Source | Name of the source | Mouza | Khata No | Plot No. | Minimum Guaranteed quantity per year in CUM | EMD | Bank guarantee amount (Minimum) [Applicant has to calculate BG amount as per the additional charge offered by him] |
|---|---|---|---|---|---|---|---|
| | | | | | | | |
| ବାଲିଗାଁ ବାଲିଶଯ୍ୟା | ବାଲି | ବାଲିଗାଁ | 880 | 696 & 721 | 20300 | 37555.00 | 751100.00 |

10/12/17

Tahasildar, Baipariguda
**Tahasildar**
**Boipariguda**